ଟିପ୍ପଣୀ

# ୩୪

# ମାଛଚାଷ ଓ ଜଳକୃଷି

ଚାଉଳ, ଗହମ, ତରଳ ଦୁଗ୍ଧ, କୁକୁଟୀୟ ଉତ୍ପାଦ, ଫଳ, ପନିପରିବା, ନଡ଼ିଆ, ଚା, ମସଲା, ସାମୁଦ୍ରିକ ଓ ମଧୁରଜଳର ପଦାର୍ଥ (ଉତ୍ପାଦ) ଯଥା ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନରେ ବିଶ୍ୱର ଶୀର୍ଷ ତିନି ଦେଶ ମଧରେ ଭାରତ ଅନ୍ୟତମ । ମାଛରେ ପୁଷ୍ଟିସାର, ଭିଟାମିନ୍ ଓ ଖଣିଜ ଲବଣ ଭରପୁର ଥାଏ ଏବଂ ଏହା ମୂଲ୍ୟବାନ ସୁରକ୍ଷାକାରୀ ଖାଦ୍ୟଭାବେ ଜଣା । ପୃଥିବୀର ଅନେକ ଅଞ୍ଚଳରେ ଖାଦ୍ୟର ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଂଶ ଗଠନ କରେ । ମତ୍ସ୍ୟକୀର ଉନ୍ନତିକରଣ ସେଥିପାଇଁ ସବୁଠାରୁ ଏକ ସମ୍ଭାବନାପୂର୍ଣ୍ଣ ଶିଳ୍ପ । ପୃଥିବୀର ବହୁତ ଅଞ୍ଚଳରେ ମାଛ ଭୋଜନର ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଖାଦ୍ୟଭାବେ ଜଣାଯାଏ । ଏହି ପାଠରେ ତୁମେ ବିଭିନ୍ନ ପ୍ରକାର ମାଛର ସଂଗ୍ରହ, ପାଳନ, ପ୍ରଜନନ ତଥା ସେମାନଙ୍କର ଆର୍ଥିକ ମହତ୍ତ୍ୱ ବିଷୟରେ ଜାଣିବ ।

## ଉଦ୍ଦେଶ୍ୟ

**ଏହି ପାଠଟି ଅଧ୍ୟୟନ ପରେ ତୁମେ:**

- ମାଛଚାଷ ଶବ୍ଦର ସଂଜ୍ଞାକରଣ
- ଭାରତରେ ମିଳୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମଧୁରଜଳ ଓ ଲୁଣି ଜଳ ମାଛର ତାଲିକା କରିବ ।
- ଅର୍ଥନୈତିକ ଗୁରୁତ୍ୱର କେତେକ ମାଛ, କିଛି କବଚୀପ୍ରାଣୀ ଓ ସାମୁଦ୍ରିକ ଗୁଳ୍ମର ତାଲିକା ପ୍ରସ୍ତୁତ କରିବ ।
- ମାଛ ଉପରେ ପରିବେଶୀୟ ପ୍ରଦୂଷଣର ପ୍ରଭାବ ଉଲ୍ଲେଖ କରିବ ।
- ମାଛଧରା କୌଶଳ ଓ ମାଛଧରା ଯନ୍ତ୍ରର କୌଶଳ ବର୍ଣ୍ଣନ କରିବ ।
- ମାଛର ସ୍ଥାନାନ୍ତରଣ ଓ ରୋଗର ସଂଜ୍ଞାପ୍ରବାସ ଗମନ ଓ ରୋଗର ସଂଜ୍ଞା ଦେଇପାରିବ ।
- ଆକ୍ୱାକଲଚର୍‌ର ସଂଜ୍ଞା ଦେଇପାରିବ ।

## ୩୪.୧ ମାଛଚାଷ

ଭାରତରେ ପାଖାପାଖି ୮,୧୨୯ କିଲୋମିଟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ୫ ମିଲିଅନ କିଲୋମିଟର ମହାଦେଶର ସୀମା ନିର୍ଦ୍ଦେଶକ ଅଗଭୀର ସମୁଦ୍ର ଶଯ୍ୟା ଏବଂ

୨.୨୦ ମିଲିୟନ ବିଶିଷ୍ଟ ଆର୍ଥିକ କ୍ଷେତ୍ର ଅଛି । ଭାରତ ହେଉଛି ଗୋଟିଏ ମୁଖ୍ୟ ସାମୁଦ୍ରିକ ମାଛ ଉତ୍ପାଦକ ଦେଶ ଓ ପୃଥିବୀରେ ସପ୍ତମ ସ୍ଥାନ ଅଧିକାର କରିଛି ।

ଟିପ୍ପଣୀ

ଯେଉଁ କ୍ଷେତ୍ରରେ ମାଛର ବାଣିଜ୍ୟିକ ଭିତ୍ତିରେ ଋଷ କରାଯାଏ, ତାହାକୁ କୃତ୍ରିମ ମାଛଋଷ କେନ୍ଦ୍ର କୁହାଯାଏ । ଏଠାରେ ମାଛର ପ୍ରଜନନ କରାଯାଏ, ଋଷ କରାଯାଏ ଏବଂ ପରେ ସେମାନଙ୍କର ଅମଳ କରାଯାଏ । ମାଛଋଷ ଯେ କେନ୍ଦ୍ର କୌଣସି ପ୍ରାକୃତିକ ଜଳାଧାର କିମ୍ବା କୃତ୍ରିମରେ ହୋଇପାରେ । ଏଥିରେ ବିଭିନ୍ନ ପ୍ରକାରର ମାଛ ଏକାଠି ପାଳନ କରାଯାଇପାରେ ।

ମାଛ ବ୍ୟତୀତ ପାଣିରେ ରହୁଥିବା କବଚୀ ଏବଂ କଠିନ ଆବରଣଯୁକ୍ତ ଶାମୁକାଶ୍ରେଣୀର ଜୀବ ମାଛଋଷରେ ଅର୍ନ୍ତଭୁକ୍ତ । ଭାରତରେ ସ୍ୱଳ୍ପ ଖର୍ଚ୍ଚରେ ମାଛଋଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କବଚୀ ମାଛଋଷ ହେଉଛି ବଡ଼ ଚୁଙ୍ଗୁଡି ମାଛ, ଚୁଙ୍ଗୁଡି ଏବଂ କଙ୍କଡ଼ା । ଶାମୁକାଶ୍ରେଣୀର ଜୀବ ମଧ୍ୟରେ ଭୋଜନଯୋଗ୍ୟ ଶାମୁକା ଏବଂ ମୁକ୍ତା ଶାମୁକାଙ୍କର ଆର୍ଥିକ ବିଶେଷତ୍ୱ ଅଛି ।

## ୩୪.୨ ଭାରତରେ ମିଳୁଥିବା ଖାଦ୍ୟୋପଯୋଗୀ ମାଛ

ମାଛ ପାଳନ ହେଉଥିବା ଜଳର ଗୁଣବତ୍ତାକୁ ଆଧାର କରି, ମାଛଋଷକୁ ତିନି ଭାଗରେ ବିଭକ୍ତ କରାଯାଇଅଛି ।

୧. **ସାମୁଦ୍ରିକ ମାଛଋଷ :** ଏହା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମାଛ ଧରିବାକୁ କୁହାଯାଏ । ଭାରତୀୟ ଉପମହାଦ୍ୱୀପ ସମୁଦ୍ର ତଟୀୟ ରେଖା ପ୍ରାୟ ୩୬୦୦ କିଲୋମିଟର ଦୈର୍ଘ୍ୟତା ବିଶିଷ୍ଟ ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଅଛି । ଭାରତର ସାମୁଦ୍ରିକ ମାଛର ପ୍ରାୟ ୮୦ଭାଗ ପଶ୍ଚିମ ଉପକୂଳ ଅଞ୍ଚଳ ଯୋଗାଏ ଏବଂ ଅବଶିଷ୍ଟ ୨୦ ଭାଗ ପୂର୍ବ ଉପକୂଳ ଯୋଗାଏ । ମାକେରେଲ୍, ସାରଡିନ୍, ସାର୍କ ଏବଂ କ୍ୟାଟଫିସ ଇତ୍ୟାଦି ପ୍ରମୁଖ ପ୍ରକାରର ଅଟନ୍ତି ।

୨. **ମଧୁର ଜଳ ମାଛଋଷ ବା ଆଭ୍ୟନ୍ତରୀଣ ମାଛଋଷ:** ଏଥିରେ ନଦୀରେ, ଜଳସେଚନ ନାଳ, ଜଳାଶୟ, ହ୍ରଦ, ଜଳାଧାର ଏବଂ ପୋଖରୀରେ ମିଳୁଥିବା ମାଛ ଅର୍ନ୍ତଭୁକ୍ତ । ରୋହି, ଭାକୁର, ମିସ୍‌ଟସ୍ ଓ ଗଉରାମି ଏବଂ ଗାମ୍ବୁସିଆ ହେଉଛନ୍ତି ମଧୁର ଜଳ ମାଛର କିଛି ସର୍ବୋତ୍କୃଷ୍ଟ ପ୍ରକାର ।


୩. **ମୁହାଣ ବା ଲବଣାକ୍ତ ଜଳ ମାଛଋଷ :** ଏଗୁଡିକ ନଦୀ ମୁହାଣ (ଯେଉଁଠି ନଦୀ ତଥା ସମୁଦ୍ରର ଜଳ ମିଶିଥାଏ), ନଦୀମୁଖରେ ଥିବା କେନାଲ, ପଙ୍କାପ୍ଳୁତ ଜଳ, ଲବଣାକ୍ତ ହ୍ରଦ ତଥା ତଟୀୟ ହ୍ରଦଦ୍ୱାରା ଗଠିତ । ମୁହାଣରେ ମିଳୁଥିବା ମାଛ ସାଧାରଣରେ ପଶ୍ଚିମବଙ୍ଗ ଓ କେରଳରେ ମିଳେ । ଜୁଆରିଆ ପାଣି ମାଛକୁ ଆବଦ୍ଧ ସ୍ଥାନରେ ଏକତ୍ର କରେ । ଏହାର ମୁଖ୍ୟ ପ୍ରକାର ହେଉଛି ପର୍ଲ ସ୍ପର୍ଟ, ମିଲକ୍ ଫିସ୍ ଏବଂ ମଲେଟ୍ ।

**ସାରଣୀ ୩୪.୧ ସାଧାରଣ ଭାରତୀୟ ଖାଦ୍ୟୋପଯୋଗୀ ମାଛ**


| ମାଛ | ମିଳିବା ଅଞ୍ଚଳ |
|---|---|
| କ. ମଧୁର ଜଳ ମାଛ | |
| (ଅଭ୍ୟନ୍ତରୀଣ ଅଟଂଳରମାଛ) | ଉତ୍ତର ଭାରତର ସମସ୍ତ |
| କାର୍ପ (ଶାକଭକ୍ଷୀ ମାଛ) | ଉତ୍ତର, ପୂର୍ବ ଓ ଦକ୍ଷିଣ ଭାରତକୁ ନେଇ |
| (i) ଭାକୁର | ଭାରତର ସମସ୍ତ ଅଞ୍ଚଳ |
| (ii) ରୋହି (ଚିତ୍ର ୩୪.୧) | |

ଟିପ୍ପଣୀ

| | |
|---|---|
| କ୍ୟାଟ ଫିସେସ୍ (ମାଂସଭକ୍ଷୀ ମାଛ) | ସମଗ୍ର ଭାରତରେ |
| (iii) ମିଷ୍ଟସ୍ | ପୂରା ଭାରତର ତଟ |
| (iv) ହିଲସା (ଇଲିଶି) | ମହାରାଷ୍ଟ୍ର ସମୁଦ୍ର ତଟ |
| (v) ବମ୍ବେ ଡକ୍ | ମହାରାଷ୍ଟ୍ର ସମୁଦ୍ର ତଟ |
| ଖ. ସାମୁଦ୍ରିକ ମାଛ | |
| (i) ପମଫ୍ରେଟ୍ | ଭାରତ-ପ୍ରଶାନ୍ତ ମହାସାଗର |
| (ii) ଶାଲ୍‌ମନ୍ | ପୂର୍ବ ଓ ପଶ୍ଚିମ ସମୁଦ୍ର ତଟ |
| (iii) ସାରଡିନସ୍ | ଦକ୍ଷିଣ ଓ ପଶ୍ଚିମ ସମୁଦ୍ର ତଟ |
| ଗ. ମୁହାଣ କିମ୍ବା ଲବଣାକ୍ତ ମାଛ | |
| (i) ମଲେଟ୍ | ଲାଗୁନ ତଥା ସମୁଦ୍ରୀୟ ତଟୀୟ କ୍ଷେତ୍ର |
| (ii) ପର୍ଲସ୍ପଟ୍ | ବଙ୍ଗଳା ଓ କେରଳର ସମୁଦ୍ର ତଟୀୟ ହ୍ରଦ |




ଚିତ୍ର ୩୪.୧ ରୋହୁ, ୩୪.୨ ସାରିଡିନସ୍,
୩୪.୩ କ୍ଲାରିଅସ୍, ହେଟେରୋପ୍‌ନିଷ୍ଟିସ୍, ମିଷ୍ଟସ୍




ଟିପ୍ପଣୀ

ଶାମୁକାଜାତୀୟ ପ୍ରାଣୀ, ଇକାଇନୋଡରମ୍ ଏବଂ ସମୁଦ୍ର ଗୁଳ୍ମପରି ବହୁତ ପ୍ରକାରର ସାମୁଦ୍ରିକ ଉତ୍ସ ଅଛି । ତନ୍ମଧରୁ କେତୋଟିକୁ ଆକ୍ୱାକଲ୍‌ଚର ଜଳକୃଷି ପାଇଁ ଲଗା ହୋଇଛି । ସେଗୁଡିକ ନିମ୍ନରେ ଦିଆଗଲା ।

## ୩୪.୩ ଶାମୁକାଜୀତୀୟ ପ୍ରାଣୀ (molhusc)ଚାଷ

ଶାମୁକା, କଙ୍କଡା, ସ୍କୁଇଡ୍, ଅକ୍ଟୋପସ୍ ଇତ୍ୟାଦି ମଲିସ୍କା ଜାତିର ଜୀବ ଖାଦ୍ୟ ପାଇଁ ବହୁମୂଲ୍ୟ ସମ୍ପଦ ଅଟନ୍ତି । ଖାଦ୍ୟପୋଯୋଗୀ ଶାମୁକା (କାସୋସ୍‌ଟ୍ରିଆ ପ୍ରଜାତି), ମଜଲ୍ (ପର୍ଣ୍ଣା ପ୍ରଜାତି), ସିପି (ମେରେଟ୍ରିନ୍ ପ୍ରଜାତି, ଆରକା ପ୍ରଜାତି, ଡୋନାକ୍ସ ପ୍ରଜାତି, ସିରକା ଗିବା, ସୋଲେନ୍ ପ୍ରଜାତି, କାରଡେୟିମ୍ ପ୍ରଜାତି), କଟଲ୍‌ଫିସ (ସେପିଆ ପ୍ରଜାତି), ସ୍କୁଇଡ୍ (ଲୋଲିଗୋ ପ୍ରଜାତି) ଏବଂ ଅକ୍ଟୋପସ୍ ସବୁ ଖାଦ୍ୟ ସମ୍ପଦ ଭାବେ ବ୍ୟବହାର କରାଯାଏ । (ଚିତ୍ର ୩୪.୪)

ମୁକ୍ତା ଶାମୁକା the sacred ehank, Turbo, Trochus ଏବଂ window pane oyester (placenta placenta) ସବୁର ବାଣିଜ୍ୟିକ ଗୁରୁତ୍ୱ ଅଛି (ଚିତ୍ର ୩୪.୫) ।




ଚିତ୍ର ୩୪.୪ ମଲୁସ୍କ, ୩୪.୫ ଓଇଷ୍ଟର,
୩୪.୬ ଗ୍ରାସିଲାରିଆ, ୩୪.୭ କଉଲରର୍ପା

ଟିପ୍ପଣୀ

## ୩୪.୪ ସାମୁଦ୍ରିକ ଗୁଳ୍ମ

ସାମୁଦ୍ରିକ ଗୁଳ୍ମ ହିଁ ଏକ ମହତ୍ୱପୂର୍ଣ୍ଣ ସାମୁଦ୍ରିକ ସମ୍ପଦ ଅଟେ ଏହା ଭାରତୀୟ ତଟୀୟ ଅଞ୍ଚଳର ପଥୁରିଆ ମଧ ଜୁଆରୀୟ ଏବଂ ନମ୍ନଜୁଆରୀଆ ସ୍ଥାନରେ ମିଳେ । ସାମୁଦ୍ରିକ ଗୁଳ୍ମ ସୁନ୍ଦରବନ, ଚିଲିକା ହ୍ରଦ, ଗୋଦାବରୀ ଓ କ୍ରିଷ୍ଣାର ତ୍ରିକୋଣଭୂମି, ବିଶାଖାପାଟଣାର ପଥୁରିଆ କୂଳ, ମହାବଳିପୁରମ୍, ମନାର ଉପସାଗର, ଗୁଜୁରାଟ ତଟ ଏବଂ ଲକ୍ଷାଦ୍ୱୀପ, ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ପ୍ରଚୁର ଭାବରେ ସାମୁଦ୍ରିକ ଗୁଳ୍ମ ମିଳେ । ମନୁଷ୍ୟର ଖାଦ୍ୟ, ଗୋରୁମହିଷାଦି ଓ କୁକୁଡାର ଖାଦ୍ୟ, ଖତ, ଆକାରରେ ଏବଂ ଅଗର ଅଗର ଆଲଜିନ୍ ପରି ଶିଳ୍ପରେ ସାମୁଦ୍ରିକ ଗୁଳ୍ମ ବ୍ୟବହାରରେ ଲାଗେ । ଗେଲିଡିଏଲା ଏବଂ ଗ୍ରାସିଲାରିଆ (ଲୋହିତ ସାମୁଦ୍ରିକ ଗୁଳ୍ମ)ର ପ୍ରଜାତି ଅଗର୍-ଅଗର୍ ପ୍ରସ୍ତୁତିକରରେ ଉତ୍ସ ଅଟେ ।

ବାଦାମି ସାମୁଦ୍ରିକ ଗୁଳ୍ମ ସାରଗାସମ, ଟର୍ବିନାରିଆ, ଡିକ୍‌ଟାୟେଟା ପ୍ରଭୃତି ବାଦାମି ଗୁଳ୍ମ ବହନ କରେ । ଅଲଭା, ଏନ୍‌ଟ୍ରୋମରଫାସ୍, କଉଲର୍‌ପା, ପରଫାଇରାର ବିଭିନ୍ନ ପ୍ରକାର ମନୁଷ୍ୟର ଖାଦ୍ୟଭାବେ ବ୍ୟବହୃତ ହୁଏ । (ଚିତ୍ର ୩୪.୭)

### ପାଠଗତ ପ୍ରଶ୍ନ ୩୪.୧

୧. ଦୁଇଟି ମଧୁରଜଳ ମାଛର ନାମ ଦିଅ ।

_______________________________

୨. ପର୍ଲ ସ୍ପଟ୍ ଭାରତର କେଉଁ ଭାଗରେ ମିଳେ ?

_______________________________

୩. ମାଛଋଷ ଶବ୍ଦର ସଞ୍ଜ୍ଞା ଦିଅ ।

_______________________________

୪. ସାମୁଦ୍ରିକ ମାଛର ଦୁଇଟି ଉଦାହରଣ ଦିଅ ।

_______________________________

୫. ସାଧାରଣତଃ ଭାରତୀୟମାନେ ଖାଉଥିବା ଦୁଇଟି ମାଛର ନାମ ଦିଅ ।

_______________________________


## ୩୪.୫ ମାଛର ଆର୍ଥିକ ଗୁରୁତ୍ୱ

ପୁଷ୍ଟିସାରରେ ଭରପୂର ଖାଦ୍ୟର ଏକ ମୂଲ୍ୟବାନ ଉତ୍ସ ହେଉଛି ମାଛ । ମାଛର ପୁଷ୍ଟିସାର ସହଜରେ ପରିପାକକ୍ଷମ । ଖାଦ୍ୟର ଏକ ଉତ୍ତମ ଉତ୍ସ ଛଡା, ମାଛର ନିମ୍ନଲିଖିତ ବ୍ୟବହାରମାନ ଅଛି ।

୧. ଔଷଧୀୟ ବ୍ୟବହାର-ଭିଟାମିନ୍ -ଏ ଓ ଭିଟାମିନ୍-ଡିର ଏକ ପ୍ରାକୃତିକି ଉତ୍ସ ହେଉଛି ମାଛର ଯକୃତ ତେଲ ।

୨. ଶିଳ୍ପ କ୍ଷେତ୍ରରେ ବ୍ୟବହାର-ଖାଦ୍ୟୋପଯୋଗୀ ତେଲ ଓ ମାର୍‌ଗାରିନ୍ ପ୍ରସ୍ତୁତିରେ ସାମୁଦ୍ରିକ ମାଛତେଲ, ଏଟଲାଣ୍ଟିକ ମହାସାଗରୀୟ ମାଛ ଏବଂ ସାଲ୍‌ମନ୍‌କୁ ବ୍ୟବହାର କରାଯାଏ ।

୩. ଫାର୍ମ ପଶୁଙ୍କ ଖାଦ୍ୟଭାବରେ -ଫାର୍ମ ପଶୁମାନଙ୍କୁ ଶୁଖୁଆ (ଶୁଖିଲା ମାଛ)ପୁଷ୍ଟିସାର ଯୋଗାଏ ।



ଟିପ୍ପଣୀ

୪. କୃଷିରେ ବ୍ୟବହାର-ପଡ଼ିଆରେ ଜୈବିକ ଖତ ଭାବରେ ।

୫. ଅଠା ହିସାବରେ ଚର୍ମ ଓ ହାଡକୁ ଉନ୍ନତ ଧାରଣର ଅଠା ଓ ଅଠାପଟି ପ୍ରସ୍ତୁତିରେ ଉପଯୋଗ କରାଯାଏ ।

୬. ସାର୍କର ଚର୍ମ -ଟ୍ୟାନିଙ୍ଗ ପରେ ହାତବ୍ୟାଗ, ପର୍ସ, ଜୋତା ଇତ୍ୟାଦି ପ୍ରସ୍ତୁତିରେ ସାର୍କର ଚମଡ଼ାକୁ ବ୍ୟବହାର କରାଯାଏ । ହାଇଡ୍ (ଚମଡ଼ା) ମଧ ପାର୍ଚମେଣ୍ଟ ଫର୍ଦ୍ଦ ପ୍ରସ୍ତୁତିରେ ବ୍ୟବହାର ହୁଏ ।

## ୩୪.୬ ଏକ ବୃତ୍ତିଭାବରେ ଆକ୍ୱାକଲଚର୍

ଆକ୍ୱାକଲଚର୍ ନଦୀ ଓ ସମୁଦ୍ର ପାଖରେ ବାସକରୁଥିବା ଅନେକଙ୍କର ଜୀବିକା ଅଟେ ଏବଂ ଅଧିକାଂଶ ଆକ୍ୱାକଲ୍‌ଚର୍‌ର କାର୍ଯ୍ୟ ସମୁଦ୍ର ଆକ୍ୱାକଲ୍‌ଚରରେ ତଟରେ ରହୁଥିବା ଲୋକମାନେ କରନ୍ତି । ଉପଯୋଗୀ ଜଳଜ ଉଦ୍ଭିଦ ଓ ପ୍ରାଣୀସମ୍ପଦ ଯଥା ମାଛ, ଚିଙ୍ଗୁଡ଼ି, କବଚୀ ପ୍ରାଣୀ, ପାଳନପୋଷଣ ଓ ପରିଚାଳନା (ଚିଙ୍ଗୁଡ଼ି ଶାମୁକା ଜାତୀୟ ପ୍ରାଣୀ, କଙ୍କଡ଼ା ଆଦି)ର ସାମିଲ ଅଟେ । ଏହା ମଧ ମାଛଚାଷ ଭାବରେ ଜଣା ଓ ବିଶ୍ୱବ୍ୟାପି ମାଛ ଅମଳର ପ୍ରାୟ ୧୦ ପ୍ରତିଶତ ଅଟେ । ଆକ୍ୱାକଲ୍‌ଚର୍ ଉତ୍ପାଦନରେ ସବୁ ଦେଶଠାରୁ ଚୀନ ଅଗ୍ରଣୀ ଅଟେ । ମାଛର ଫାର୍ମ ବିଭିନ୍ନ ପ୍ରକାରର ହୋଇଥାଏ । ସାଧାରଣ ପୋଖରୀ ଅଥବା ପାଣିଥିବା ଧାନ କ୍ଷେତଠାରୁ ଆରମ୍ଭକରି ବୈଷୟିକ ବିଦ୍ୟାରେ ନିର୍ମିତ ମତ୍ସ୍ୟଶାଳା ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ଏଠାରେ ମାଛର ପରିବେଶ ପ୍ରତି ଲଗାତାର ନଜର ରଖାଯାଇଥାଏ ଏବଂ ଏହାକୁ ନିୟନ୍ତ୍ରଣରେ ରଖାଯାଇଥାଏ । ମାଛର ଉତ୍ପାଦନ ହୋଇଥାଏ । ପର୍ଯ୍ୟାବରଣ ଉପରେ ନିୟନ୍ତ୍ରଣ ରଖିବା ଦ୍ୱାରା ହାନିକାରକ ପରିସ୍ଥିତିକୁ ଦୂର କରାଯାଏ ଏବଂ ମାଛକୁ ଭଲଭାବରେ ଓ ଦ୍ରୁତ ବଢ଼ିବାକୁ ଦିଏ । ମାଛକୁ ସୁନିୟନ୍ତ୍ରିତ ଯୋଜନା ଅନୁସାରେ ଉପଯୁକ୍ତ ପୋଷକ ଯୋଗାଇ ଦିଆଯାଏ ଏବଂ କ୍ଷତିକାରୀ ପ୍ରାଣୀଙ୍କର ଶିକାର ହେବାରୁ ସୁରକ୍ଷା ଦିଏ । ଆକ୍ୱାକଲଚର ଦ୍ୱାରା ବାଣିଜ୍ୟିକ ଭିତ୍ତିରେ ମୁକ୍ତାଚାଷର ସୁଯୋଗ କରାଯାଏ ଏବଂ ଅତ୍ୟଧିକ ଭାବେ ସଂଖ୍ୟା ।

(i) ଅତ୍ୟଧିକ ଭାବେ ସଂଖ୍ୟା କମ ହୋଇଯାଉଥିବା ସାଲ୍‌ମନ୍ ଓ ଟ୍ରାଉଟ୍ ମାଛର ଭଣ୍ଡାର ତାହାର ପୁନର୍ବାର ସୃଷ୍ଟିହୁଏ ।

(ii) କିଛି ମାଛ ଯଥା କାର୍ପ, କ୍ୟାଟ ମାଛ, ଗଉରାମି, ମିଲକ୍‌ଫିସ, ଟିଲାପିଆ ଆଦିକୁ ଖାଇବା ପାଇଁ ଚାଷ କରାଯାଏ ।

**ମତ୍ସ୍ୟପାଳନ ଓ ପୋଖରୀରେ** (ବଡ଼ ଜଳଧାରରେ ମାଛଚାଷ) ଚାଷ ଆକ୍ୱାକଲଚର ପ୍ରଥାର ଅନ୍ତର୍ଭୁକ୍ତ ।

### (i) ପିସିକଲ୍‌ଚର୍ (ମାଛ ଚାଷ)

ହ୍ରଦ, ନଦୀ, ବଡ଼ବଡ଼ ପୋଖରୀ ତଥା କେନାଲରେ ମାଛ ଉତ୍ପାଦନରେ ଏହା ସଂଶ୍ଳିଷ୍ଟ ଏବଂ ଏହାକୁ ମଧୁରଜଳ ବା ଆଭ୍ୟନ୍ତରୀଣ ମାଛଚାଷ କୁହାଯାଏ । ମତ୍ସ୍ୟପାଳନରେ ଛୋଟଛୋଟ ମାଛମାନଙ୍କୁ ନର୍ସରୀରେ କିଛି ସମୟ ପାଇଁ ପାଳନପୋଷଣ କରି ତା ପରେ ଏମାନଙ୍କୁ ହ୍ରଦ ବା ନଦୀରେ ସ୍ଥାନାନ୍ତରଣ କରାଯାଏ । ଶେଷରେ ଏହାକୁ ଅମଳ କରାଯାଇ ଏଥିରୁ ଖାଦ୍ୟ ପ୍ରସ୍ତୁତ କରାଯାଏ ।



ଟିପ୍ପଣୀ

**(ii) ପୋଖରୀରେ ଚାଷ (ପାକଶାଳା ମାଛ)**

ଏହାଦ୍ୱାରା ଛୋଟ ଛୋଟ ପୋଖରୀରେ ମାଛକୁ ପାଳନ କରାଯାଏ । ବଙ୍ଗଳାରେ ଏହି ପ୍ରକାର ପ୍ରଣାଳୀ ସାଧାରଣ ଭାବେ ଦିଖାଯାଏ । ମାଛ ପୁରା ଆକାରର ହେବା ପର୍ଯ୍ୟନ୍ତ ସଠିକ୍ ପରିଚାଳନା କରାଯାଇଥାଏ । ଏହାକୁ ରୋଗରୁ ମଧ ରକ୍ଷା କରାଯାଇଥାଏ ।

## ପାଠଗତ ପ୍ରଶ୍ନ ୩୪.୨

୧. କେଉଁ ଦେଶ ମାଛ ବର୍ତ୍ତମାନ ଉତ୍ପାଦନରେ ଅଗ୍ରଣୀ ଅଟେ ?

_______________

୨. ଆକ୍ୱାକଲ୍‌ଚରରେ ମାଛ ପାଳନ ଛଡା ଆଉ କ'ଣ ଅର୍ନ୍ତଭୁକ୍ତ ?

_______________

୩. ମତ୍ସ୍ୟପାଳନର ଅର୍ଥ କ'ଣ ?

_______________

୪. ମତ୍ସ୍ୟପାଳନ ଓ ପୋଖରୀରେ ଚାଷ ମଧରେ ଯେକୌଣସି ଗୋଟିଏ ପାର୍ଥକ୍ୟ ଦିଅ ।

_______________

୫. ମାଛମାନଙ୍କର ପରିବେଶର ପର୍ଯ୍ୟାବରଣ ନିୟନ୍ତ୍ରିତ ରଖିବା କାହିଁକି ଆବଶ୍ୟକ ?

_______________

## ୩୪.୭ ପର୍ଯ୍ୟାବରଣ ପରିବର୍ତ୍ତନର ଆକ୍ୱାକଲ୍‌ଚର ଉପରେ ପ୍ରଭାବ

ଅନେକଗୁଡ଼ିଏ ପରିବେଶଜନିତ କାରକ ମାଛ ସଂଖ୍ୟା ବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏଗୁଡିକ ନିମ୍ନ ପ୍ରକାରର :

**ଜଳ ପ୍ରଦୂଷଣ :** ଜଳ ପ୍ରଦୂଷଣର ସମସ୍ୟା ମୁଖ୍ୟ ରୂପରେ ସାମୁଦ୍ରିକ ମତ୍ସ୍ୟ ଉପରେ ପଡ଼ିଥାଏ । ଅନେକ ପ୍ରକାରର କୀଟନାଶକ, ଅନିଷ୍ଟକାରୀ ଜୀବନାଶକ, ଶିଳ୍ପ ଆବର୍ଜନା ଜଳ ଏବଂ ଘରୋଇ ନର୍ଦ୍ଦମା ଜଳ ଯାଇ ନଦୀଗୁଡିକରେ ମିଶିଥାଏ । ଏହି ମତ୍ସ୍ୟଋଷ ପାଇଁ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ । ନଦୀଗୁଡିକର ଆକାର ତଥା ମଇଳା ପାଣିରେ ସ୍ରୋତ ଇତ୍ୟାଦି ଅନୁଯାୟୀ ପ୍ରଦୂଷଣ ପରିମାଣ ନିର୍ଭର କରେ । ଏହାର କିଛି ଉଦାହରଣ ଆସ ଆଲୋଚନା କରିବା ।

(i) ଓଡ଼ିଶାରେ ଥିବା ଇବ୍‌ନଦୀର କୂଳରେ ଅବସ୍ଥିତ କାଗଜ କଳ ପ୍ରତିଦିନ ପାଖାପାଖି ୨୭୦ ମିଲିୟନ୍ ଲିଟର ପାଣି ବ୍ୟବହାର କରେ । ଅତ୍ୟଧିକ ଜଳର ବିନିଯୋଗ ସହିତ ପ୍ରଚୁର ପରିମାଣର ବିଷାକ୍ତ ପଦାର୍ଥର ବହିଃସ୍ରାବ ୨୪ କିଲୋମିଟର ଦୀର୍ଘସ୍ରୋତର ଅନୁକୂଳ ଦିଗରେ ମତ୍ସ୍ୟପାଳନକୁ କ୍ଷତି ପହଞ୍ଚାଇ ଥାଏ ।

(ii) ମାଛ ଓ ଚୁଙ୍ଗୁଡି ଉପରେ ସିନ୍ଧୁ ସାର କାରଖାନାର ବହିଃସ୍ରାବ କ୍ଷତିକାରକ ପ୍ରଭାବ ପକାଇବାର ଦେଖାଯାଇଅଛି । ଦୀର୍ଘ ଗବେଷଣା ଦ୍ୱାରା ଜଣାଯାଇଛି ଯେ, କାଗଜ-କାଗଜମଣ୍ଡ-କପଡା ଶିଳ୍ପ, ଚମଡ଼ା ଉତ୍ପାଦନ ଶିଳ୍ପ, ଚିନି ବିଶୋଧନ,

କୋଇଲା ଶିଳ୍ପ ଇତ୍ୟାଦିରୁ ବାହାରୁଥିବା ବର୍ଜ୍ୟ ପଦାର୍ଥ ମାଛଚାଷ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଅପର ପକ୍ଷରେ ମାଛ ଫାର୍ମରେ ସାର କାରଖାନାର ଆବର୍ଜନା ଜଳଯୋଗୁଁ ବ୍ୟବହୃତ ସାର କାରଖାନାର ଆବର୍ଜନା ଜଳଯୋଗୁଁ ମାଛ ଚାଷ ଉପରେ ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ପକାଉଛି ।


(iii) ରିଆକ୍ଟର ଓ ଜେନେରେଟର୍ ଶୀତଳୀକରଣର ବର୍ଜିତ ଗରମ ଜଳଯୋଗୁଁ ତାପ ପ୍ରଦୂଷଣ ହେଉଛି । ବିଷୁବ ମଣ୍ଡଳୀୟ ଅଞ୍ଚଳରେ ସାଧାରଣ ତାପମାତ୍ରା ଅଧିକ । ଏଠାକାର ଜଳ ସ୍ରୋତରେ ଗରମ ବର୍ଜ୍ୟ ଜଳ ମିଶିଲେ ଏହା ଏମିତି ଉଚ୍ଚ ତାପମାତ୍ରାର ଜଳ ସହ୍ୟକରି ବଞ୍ଚୁଥିବା ମାଛଉପରେ ମାରାତ୍ମକ ପ୍ରଭାବ ପକାଉଛି । ବର୍ତ୍ତମାନ ତାପ ପ୍ରଦୂଷଣର ପ୍ରଚ୍ଛନ୍ନ ଉତ୍ସହେଉଛି ପରମାଣୁ ରିଆକ୍ଟରରୁ ନିଷ୍କାସିତ ଆବର୍ଜନା ପଦାର୍ଥ । ଜଳ ପ୍ରଦୂଷଣର କୁପ୍ରଭାବ ନିମ୍ନରେ ଦିଆଯାଇଅଛି ।

- ଅନେକ ପସନ୍ଦର ଯୋଗ୍ୟ ମାଛ ଯଥା ବମ୍ବେ ଡକ୍, ବମ୍ବେର ନିକଟସ୍ଥ କାଲୁ ନଦୀରୁ ପ୍ରାୟତଃ ଉଭେଇ ଗଲେଣି । ରାସାୟନିକ ଶିଳ୍ପରୁ ନିଷ୍କାସିତ ବିଷାକ୍ତ ଆବର୍ଜନାରୁ ନଦୀର ଜଳ ପ୍ରଦୂଷଣ ଏହାର କାରଣ ଅଟେ ।
- ରାସାୟନିକ ସାରର ଅତ୍ୟଧିକ ପ୍ରୟୋଗରୁ ଅତିପୋଷଣ (ଅର୍ଥାତ୍ ଜଳରାଶିରେ ପୋଷକ ଆଲଗାଲ ବ୍ଲୁମ୍ ଭରପୂର ହୋଇଯିବା) ଘଟଣା ସୃଷ୍ଟିହୁଏ । ଫଳସ୍ୱରୂପ (ଶୈବାଳର ଅତ୍ୟଧିକ ବୃଦ୍ଧି ଯୋଗୁ ଜଳରେ ଅମ୍ଳଜାନର ଅଭାବ ହୋଇଥାଏ । ଜଳରେ ଅମ୍ଳଜାନର ଅଭାବରୁ ମାଛ ମରିଯାଆନ୍ତି ।
- ବିଭିନ୍ନ ଭାରୀ ଶିଳ୍ପରୁ ନିର୍ଗତ ତାପୀୟ (ଉଷ୍ମ) ପ୍ରଦୂଷଣରୁ ମାଛ ମରିଯାଆନ୍ତି । ପାରବାଇଗଣୀ ବିକିରଣଦ୍ୱାରା ମାଛର ଅଣ୍ଡା ପ୍ରଭାବିତ ହୁଏ ଯାହାଦ୍ୱାରା ଜୀବନ ଅକ୍ଷମ ହୋଇଯାଏ ଅର୍ଥାତ୍ ସେମାନଙ୍କର ବୃଦ୍ଧି ହୁଏ ନାହିଁ ।
- ସମୁଦ୍ରରେ ଜାହାଜ ଏବଂ ସମୁଦ୍ରରେ ଥିବା ତେଲ କୂଅରୁ ନିସୃତ ପେଟ୍ରୋଲିୟମ ଜଳ ଉପରେ ଏକ ତେଲର ଆସ୍ତର ତିଆରି ହୋଇଥାଏ । ଏହା ଯୋଗୁଁ ମାଛମାନଙ୍କୁ ଜଳରେ ଦ୍ରବୀଭୂତ ଅମ୍ଳଜାନ ମିଳେ ନାହିଁ ଏବଂ ଏମାନଙ୍କର ଶ୍ୱସନ କ୍ରିୟା ହୋଇପାରେ ନାହିଁ । ଅମ୍ଳଜାନର ଅଭାବରୁ ଏମାନେ ମରିଯାଆନ୍ତି ।

## ୩୪.୮ ମାଛଧରା କୌଶଳ

ଅନେକ ଲୋକଙ୍କର ଭୋଜନରେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ମାଛ । ମାଛ ଧରିବାର କାର୍ଯ୍ୟ ଯୁଗ ଯୁଗ ଧରି ଚାଲି ଆସୁଅଛି । ପୃଥିବୀର ସବୁ ଅଞ୍ଚଳର ଚାହିଦା ପୂରଣ ପାଇଁ ସବୁ ଗଭୀରତାରେ ମନୁଷ୍ୟ ସବୁପ୍ରକାର ମାଛଙ୍କୁ ଧରିବା ପାଇଁ ଯନ୍ତ୍ର ଓ କୌଶଳ ବିକଶିତ କରିସାରିଛି । ଆଜି ସବୁଠାରୁ ଅଧିକ ବ୍ୟାପାର କରାଯାଉଥିବା ଖାଦ୍ୟସାମଗ୍ରୀ ହେଉଛି ମାଛ । ସୁସଂଗଠିତ ମାଛଧରା କୌଶଳରେ ସହଜରେ ମାଛ ଧରିବା ପାଇଁ ବିଶେଷଭାବେ ନିର୍ମିତ ଉପକରଣ ଉପଯୋଗ କରାଯାଉଛି । ମାଛଧରା ହେଉଥିବା ଜଳରାଶି ଓ ଧରାଯାଉଥିବା ମାଛପ୍ରଜାତିର ବୈଶିଷ୍ଟ୍ୟକୁ ନେଇ ମାଛଧରା ଉପକରଣର ପ୍ରଭେଦ ଥାଏ ।

ଟିପ୍ପଣୀ




ଟିପ୍ପଣୀ

**ମାଛ ଧରିବା ପାଇଁ ମୁଖ୍ୟ ଉପକରଣ**

**୧. ସାମୁଦ୍ରିକ ମାଛଧରିବା ଯନ୍ତ୍ର (Fishing gears)**

ମାଛ ଧରିବା କାମରେ ଆସୁଥିବା ବିଭିନ୍ନ ଉପକରଣକୁ ମାଛଧରା ଯନ୍ତ୍ର କହନ୍ତି । ସମୁଦ୍ରରେ ପ୍ରଚୁର ପରିମାଣର ମାଛ ମିଳିଥାଏ । ସାମୁଦ୍ରିକ ମାଛଧରା ଯନ୍ତ୍ର ନିମ୍ନ ପ୍ରକାର ହୋଇଥାଏ ।

**ଜାଲ (NETS)**- ବୁଣା ସୂତା କିମ୍ବା ମନୁଷ୍ୟଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଧରଣର ସୂତାରେ ଏହି ମୁଖ୍ୟ ମାଛଧରା ଯନ୍ତ୍ର ତିଆରି ହୋଇଥାଏ । ଜୁଆର ବା ଭଟ୍ଟା ନଥିବା ସମୟରେ ଜାଲକୁ ବାନ୍ଧି ଦିଆଯାଏ । ଜୁଆର ଆସିଲେ ଜଳସ୍ରୋତ ସହିତ ମାଛ ସବୁ ଜାଲର ଭିତରକୁ ଆସି ଯାଆନ୍ତି । (ଚିତ୍ର ୩୪.୮)




**ଚିତ୍ର ୩୪.୮ ମାଛଧରିବା ପାଇଁ ବିଭିନ୍ନ ପ୍ରକାରର ଜାଲ ।**

**୨. ଭଉଁରୀ ଜାଲ** (Seines) ସକ୍ରିୟ ମାଛଧରା ପାଇଁ ଏହି ଧରଣର ଜାଲ ବ୍ୟବହାର କରାଯାଏ । ଯେଉଁ ସ୍ଥାନରେ ମାଛ ଅଧିକ ସଂଖ୍ୟାରେ ଥିବାର ଉପଲବ୍ଧ ହୁଏ ସେଠାରେ ଜଳର ଏକ ବଡ଼ ଅଂଶକୁ ଜାଲ ଘେରି ନିଏ । ପ୍ରବହମାନ ଜଳରେ ଭଉଁରୀଜାଲ ବ୍ୟବହାର କରାଯାଏ । ଜଳାଧାରକୁ ନେଇ ବିଭିନ୍ନ ପ୍ରକାରର ଜାଲ (ଖାଣ୍ଟି, ତଟଜାଲ ଇତ୍ୟାଦି) ବ୍ୟବହାର ହୁଏ ।

**୩. ହୁକ୍ ଏବଂ ଲାଇନ୍ସ୍** (Hooks and Lines) ବିଭିନ୍ନ ଆକାର ଓ ଡିଜାଇନ୍‌ରେ ଧାତୁରେ ତିଆର ହୁକ୍‌ରେ ଅଲଗା ଅଲଗା ପ୍ରକାର ମାଛ ଧରିବା ପାଇଁ ଥୋପ ଲଗାଯାଏ । ଲାଇନ୍ସ୍ ଏକ ତାର ଅଟେ ଯାହାର ଅଗରେ ଲଗାଯାଉଥିବା ହୁକ୍ ବିଭିନ୍ନ ଗଭୀରତା ପର୍ଯ୍ୟନ୍ତ ଯାଏ ତଥା ମାଛ ଧରୁଥିବା ଭେଳା ବା ଡଙ୍ଗାରୁ ଅଲଗାଅଲଗା ଦୂର ଯାଏଁ ପଡ଼ିପାରେ ।

## ୩୪.୯ ମାଛ ପରିବ୍ରଜନ (Fish migration)

ମାଛ ଅନ୍ୟଜାଗାକୁ ଅଣ୍ଡାଦେବା ପାଇଁ କିମ୍ବା ପ୍ରତିକୂଳ ଜଳବାୟୁ ଜନିତ ପରିସ୍ଥିତିରୁ ବଞ୍ଚିବା



ଟିପ୍ପଣୀ

ପାଇଁ ପରିବର୍ତ୍ତନ କରିଥାଆନ୍ତି । ବେଳେ ବେଳେ ସମୁଦ୍ରର ଏକ ଭାଗରୁ ମାଛ ଅନ୍ୟ ଭାଗକୁ ଚାଲିଯାଆନ୍ତି । ସାମୁଦ୍ରିକ ମାଛ ଯଥା ଇଲିସି ଅଣ୍ଡାଦେବା ପାଇଁ ସମୁଦ୍ରରୁ ମଧୁର ଜଳକୁ ପହଁରିକରି ଯାଇଥାନ୍ତି, ଉଦାହରଣ କଇଲ୍ (cel) । କେତେକ ମଧୁରଜଳ ମାଛ ହ୍ରଦରୁ ସମୁଦ୍ରକୁ ଅଣ୍ଡାଦେବା ପାଇଁ ଯାଇଥାନ୍ତି । ଶୀତଦିନମାନଙ୍କରେ ବିଶ୍ୱର ଥଣ୍ଡା ଅଞ୍ଚଳରେ ଉପରିଭାଗ ଜଳ ବରଫ ହୋଇଯାଏ । ଥଣ୍ଡା ପଡ଼ିଲେ ଜଳର ତଳଭାଗକୁ ମାଛଚାଲି ଯାଆନ୍ତି, ଥଣ୍ଡା ଋତୁର ଶେଷ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରନ୍ତି ।

## ପାଠଗତ ପ୍ରଶ୍ନ ୩୩.୩

୧. ଏପରି ଦୁଇଟି ଉପାୟ ଉଲ୍ଲେଖ କର ଯଦ୍ୱାରା ଜଳ ପ୍ରଦୂଷିତ ହୁଏ ।

____________________

୨. ତାପୀୟ ପ୍ରଦୂଷଣ କହିଲେ କ'ଣ ବୁଝ ?

____________________

୩. ଶୈବାଳ ଅତିବୃଦ୍ଧିର କାରଣ କ'ଣ ?

____________________

୪. ଅଲଟ୍ରାଭାଓଲେଟ୍ ବିକିରଣ ଦ୍ୱାରା ମାଛର କିପରି କ୍ଷତି ହୁଏ ?

____________________

୫. ଭଉଁରୀ ଜାଲ କ'ଣ ?

____________________

## ୩୪.୧୦ ମାଛ ରୋଗ

ଅନ୍ୟ ପ୍ରାଣୀଙ୍କ ପରି ମାଛ ମଧ ବିଭିନ୍ନ ପ୍ରକାର ରୋଗରେ ପ୍ରଭାବିତ ହୁଅନ୍ତି । ଏହି ରୋଗଗୁଡିକୁ ଜୀବାଣୁ, ଭୂତାଣୁ, କବକୀୟ, ଆଦିପ୍ରାଣୀୟ ଏବଂ ଫିତାକୃମି ଓ ଗୋଲକୃମି ପରି ବଡ଼ ପରଜୀବୀୟ ରୋଗ ଭାବରେ ବର୍ଗୀ କରଣ କରାଯାଇଛି । ଯକ୍ଷ୍ମା (ଟି.ବି.), ଆଖିର ରୋଗ, ବୃକକ୍‌ର ରୋଗ ଏବଂ ବିଭିନ୍ନ ପ୍ରକାରର ଟ୍ୟୁମର- ମୃଦୁ ଓ ସାଂଘାତିକ ଉଭୟ ମଧୁର ଜଳ ଓ ଲୁଣି ମାଛରେ ଦେଖାଯାଏ ।

ଫୁରୁନକୁଲୋସିସ୍ (Fununculosis) ବୀଜାଣୁମାନଙ୍କ ଦ୍ୱାରା ସୃଷ୍ଟ ଏହା ଏକ ମଧୁରଜଳ ମାଛର ସାଧାରଣ ରୋଗ ଓ ଏହାର ଚିକିତ୍ସା ଟେଟ୍ରାସାଇକ୍ଲିନ୍ ଦ୍ୱାରା ହୋଇଥାଏ ଏବଂ ଭିଇବ୍ରିଓ ସଂକ୍ରମଣ ସଲ୍‌ଫୋନାମାଇଡ୍ ଚିକିତ୍ସା କରାଯାଏ ।

ଟେଲ୍‌ରଟ୍ (Tail rot) ବୀଜାଣୁ ମାନଙ୍କ ଦ୍ୱାରା ସଂକ୍ରମିତ ଏହା ଅନ୍ୟ ଏକ ସାଧାରଣ ରୋଗ ଅଟେ । ଏହି ପେନ୍‌ସିଲିନ୍ ଓ ଷ୍ଟ୍ରେପଟୋମାଇସିନ୍‌ର ମିଶ୍ରଣ ଦ୍ୱାରା ଏହି ରୋଗ ନିୟନ୍ତ୍ରିତ କରାଯାଏ ।

**ଖାଦ୍ୟ ବିଷାକ୍ତନ :** ମାଛ ଓ ମାଛମାନଙ୍କଠାରୁ ମିଳୁଥିବା ଉତ୍ପାଦ ଯୋଗୁଁ ବେଳେବେଳେ ମନୁଷ୍ୟ ଖାଦ୍ୟ ବିଷାକ୍ତନର ଶିକାର ହୋଇଥାଏ । କିଛି ମାଛ ତଥା କବଚୀ ପ୍ରାଣୀ (ଚୁଙ୍ଗୁଡି, ଛୋଟ ଚୁଙ୍ଗୁଡି)ରେ ବିଷ କିମ୍ବା ଜୈବିକ ବିଷ ଥାଏ । ରୋଷାଇ କରିବା ଦ୍ୱାରା ଏହି ଜୈବିକବିଷ ନଷ୍ଟ ହୁଏ ନାହିଁ ଏବଂ ବେମାରୀର କାରଣ ହୁଏ । କିଛି ଲୋକମାନଙ୍କୁ, କମ୍ବୋଜ କ୍ରଷ୍ଟାସିୟାନ୍ ଖାଇବା ଯୋଗୁ ଆଲର୍ଜି ହୁଏ । କିଛି ବିଷ କେନ୍ଦ୍ରୀୟ ସ୍ନାୟୁତନ୍ତ୍ରକୁ କେତେକ ବିଷ ପ୍ରଭାବିତ କରେ । ଅନ୍ୟକେତେକ ପେଟ ଓ ଚର୍ମରୋଗର କାରଣ ହୁଏ ।

ଟିପ୍ପଣୀ

ପଚିସଢ଼ି ଯାଇଥିବା କିମ୍ବା ନଷ୍ଟ ହୋଇଯାଇଥିବା ମାଛ ଖାଇବା ଯୋଗୁ ଖାଦ୍ୟ ବିଷାକ୍ତ ହୋଇଥାଏ । ମାଛର ତନ୍ତୁରେ ଥିବା ବିଷକ୍ରିୟା ପେଟ ଗଣ୍ଡଗୋଳ କରାଏ । ବହୁତ ପକାର ମାଛ ଅଥବା ଜେଲି ମାଛ ପରି ଅମେରୁଦଣ୍ଡୀ ପ୍ରାଣୀଙ୍କ କାମୁଡିବା ବା ଦଂଶନ ଦ୍ୱାରା ଭୟଙ୍କର ପୋଡାଜଳା ହୋଇଥାଏ । ଟୁନା ମାଛ ସମୂହର ଚର୍ମରୁ ନିସୃତ ଯନ୍ତ୍ରଣା ପ୍ରଭାବରୁ ଡର୍‌ମାଇଟିସ୍‌ର ବା ଚର୍ମରୋଗ ହୋଇପାରେ ।

## ତୁମେ କ'ଣ ଶିଖିଲ :

- ମାଛ ପାଳନ, ପ୍ରଜନନ ଏବଂ ଧରାଯିବାକୁ ନେଇ ମାଛଋଷ କୁହାଯାଏ ।
- ସାମୁଦ୍ରିକ ମାଛ ମଧ୍ୟରେ ଖୋଳପାଯୁକ୍ତ ଶାମୁକାଜାତୀୟ ପ୍ରାଣୀ ଓ କବଚୀ ପ୍ରାଣୀ ଯଥାକଙ୍କଡ଼ା, ଚୁଙ୍ଗୁଡି ଓ ଛୋଟ ଧରଣର ଚୁଙ୍ଗୁଡିଙ୍କୁ ମାଛଋଷରେ ଅନ୍ତର୍ଭୁକ୍ତ କରାଯାଏ ।
- ମେକେରେଲ୍, ସାରଡିନ୍, ଶାର୍କ ତଥା କ୍ୟାଟଫିସ୍‌ଙ୍କୁ ଖିଆଯାଏ ।
- ରୋହି, ଭାକୁର, ମିଷ୍ଟସ୍, ଗୌରାମୀ ତଥା ଗମୁସିଆ ପ୍ରଭୃତି ମଧୁରଜଳ ମାଛର ଅର୍ନ୍ତଭୁକ୍ତ ।
- ନଦୀମୁହାଣର ମାଛ ଯଥା ପର୍ଲ ସ୍ପଟ୍, ମିଲକ୍ ଫିସ ଓ ମଲେଟ୍ ପ୍ରଭୃତି ବ୍ୟାକ୍‌ୱାଟର ଲାଗୁନରେ ଦେଖାଯାଇଥାନ୍ତି ।

  (କ୍ଷେତ୍ର ଯେଉଁଠାରେ ସମୁଦ୍ରଜଳ ସ୍ଥଳଭାଗକୁ ମାଡିଆସି ଏକ ଭାଗରେ ବିସ୍ତାରିତ ହୋଇଥାଏ)

  ପୁଷ୍ଟିସାର, ଭିଟାମିନ୍ ଏ ଓ ଡିର ଏକ ଭଲ ଏବଂ ଶସ୍ତା ଉତ୍ସ ମାଛ ଅଟେ ।
- ଆକ୍ୱାକଲ୍‌ରେରେ ଉପଯୋଗୀ ଜଳୀୟ ଉଦ୍ଭିଦ ଓ ପ୍ରାଣୀମାନଙ୍କର ପାଳନ ଓ ପରିଚାଳନା ସହ ଜଡିତ ।
- ଆକ୍ୱାକଲ୍‌ଚର ବା ମାଛଋଷ ଦ୍ୱାରା ମାଛକୁ ନିୟନ୍ତ୍ରିତ ପରିବେଶ, ସୁରକ୍ଷା ତଥା ପୋଷଣ ଯୋଗାଇ ଦିଆଯାଏ ।
- ମାଛଚାଷ ଓ ପୋଖରୀଚାଷ ଆକ୍ୱାକଲ୍‌ଚର୍‌ରେ ଅର୍ନ୍ତଭୁକ୍ତ ।
- ମାଛଙ୍କୁ ଅନେକ କାମରେ ଯଥା ପ୍ରାଣୀଙ୍କର, କୃଷି ପାଇଁ ଖତ, ଅଠାଳିଆ ପଦାର୍ଥ, ସାବୁନ, ରଙ୍ଗ ଏବଂ ବାର୍ଣ୍ଣିସ ତିଆରିରେ ବ୍ୟବହାର କରାଯାଏ ।
- ପର୍ଯ୍ୟାବରଣର ପରିବର୍ତ୍ତନ ମାଛର ସଂଖ୍ୟା ଉପରେ ପ୍ରତିକୂଳ ପ୍ରଭାବ ପକାଏ ।
- ଉଦ୍ୟୋଗ ତଥା କୃଷିରୁ ବାହାରୁଥିବା ରସାୟନିକ ପଦାର୍ଥ, ସାର, ଗରମ ଜଳ ନିଷ୍କାସନ, ଅତିବାଇଗଣି ରଶ୍ମି ଓ ତେଲ ଖେଳେଇଯିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । ଏହି କାରଣରୁ ମାଛସବୁ ମରିଯାଆନ୍ତି ଏବଂ ଏମାନଙ୍କର ଉତ୍ପାଦନ ହ୍ରାସପାଏ ।

ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନାବଳୀ :

୧. ମାଛମାନଙ୍କୁ ସେମାନଙ୍କର ପ୍ରାକୃତିକ ଆବାସକୁ ଅଧାର କରି ବର୍ଗୀକରଣ କର । ଏହା ସହିତ ପ୍ରତ୍ୟେକରୁ ଦୁଇଟି ଲେଖାଁଏ ଉଦାହରଣ ଦିଅ ।

୨. ମନୁଷ୍ୟ ପାଇଁ ମାଛଙ୍କର ଯେକୌଣସି ଚାରୋଟି ବିନିଯୋଗର ତାଲିକା କର ।

୩. ଆକ୍ୱାକଲ୍‌ଚର୍‌ର ସଂଜ୍ଞା ଦେଇ ଏହାର ଗୁରୁତ୍ୱ ଉଲ୍ଲେଖ କର ।

୪. ମାଛମାନଙ୍କର ସଂଖ୍ୟା ଉପରେ ପରିବର୍ତ୍ତନଶୀଳ ପରିବେଶର ପ୍ରଭାବ ସଂକ୍ଷେପରେ ଆଲୋଚନା କର ।

୫. ପରିବହନ କହିଲେ କ'ଣ ବୁଝ ? ମାଛମାନେ କାହିଁକି ପରିବ୍ରାଜନ କରନ୍ତି ?

୬. ପଗ୍ମାଛ ଖାଇବା ଯୋଗୁ କ'ଣ ହେବ ?

## ପାଠଗତ ପ୍ରଶ୍ନର ଉତ୍ତର :

**୩୪.୧**

୧. ରୋହି, ଭାକୁର, ମିଷ୍ଟସ୍ (ଯେକୌଣସି ଦୁଇଟି)
୨. ମୁହାଣ ଅଞ୍ଚଳ
୩. ଏପରି କ୍ଷେତ୍ର ଯେଉଁଠାରେ ମାଛ ବ୍ୟବସାୟିକ ପାଳନ କରାଯାଏ ।
୪. ପମଫ୍ରେଟ୍, ସାରଡିନ୍, ସାଲ୍‌ମନ୍ (ଯେକୌଣସି ଦୁଇଟି)
୫. ରୋହି, ଭାକୁର, ପମଫ୍ରେଟ୍

**୩୪.୨**

୧. ଚୀନ
୨. ଖାଇବାଯୋଗ୍ୟ ଶାମୁକା, ପର୍ଲ ଶାମୁକା, କଙ୍କଡା, ଚିଙ୍ଗୁଡି, ସାମୁଦ୍ରିକ ଘାସ ।
୩. ପୋଖରୀ, ହ୍ରଦ, ନଦୀ ଓ କେନାଲରେ ମାଛ ଉତ୍ପାଦନ ।
୪. ମତ୍ସ୍ୟପାଳନରେ ମାଛକୁ ନର୍ସରୀ ପୋଖରୀରେ ପାଳନ କରାଯାଇଥାଏ । ପରେ ହ୍ରଦ କିମ୍ବା ନଦୀ ମାଛକୁ ସ୍ଥାନାନ୍ତର କରି ଶେଷରେ ଅମଳ କରାଯାଏ । ପୋଖରୀ ଚାଷରେ ମାଛକୁ ପାଳନ କରି ଛୋଟ ପୋଖରୀରେ ବଢାଯାଏ ଓ ଅମଳ କରାଯାଏ ।
୫. ଏହା ହାନିକାରକ ପରିସ୍ଥିତିକୁ ବିନାଶ କରିଦିଏ ଏବଂ ମାଛର ବୃଦ୍ଧିରେ ଶୀଘ୍ର ସହାୟକ ହୋଇଥାଏ ।

**୩୪.୩**

୧. କୀଟନାଶକର ମିଶ୍ରଣ /ଶିଳ୍ପକାରଖାନାରୁ ନିସୃତ ଆବର୍ଜନା/ଘରୋଇ ଆବର୍ଜନା ଜଳ/ଗରମ ଜଳ (ଯେକୌଣସି ଦୁଇଟି)
୨. ରିଆକ୍ଟର ଏବଂ ଜେନେରେଟ୍‌ରକୁ ଥଣ୍ଡା କରି ଗରମ ପାଣି ଜଳ ସ୍ରୋତରେ ମିଶିବା ।
୩. କଳକାରାଖାନାରୁ ବାହାରୁଥିବା ରାସାୟନିକ ପଦାର୍ଥ ଜଳାଧାରରେ ମିଶିବା ଦ୍ୱାରା ଶୈବାଳର ଅତ୍ୟଧିକ ବୃଦ୍ଧି ବା ଶୈବାଳ ବୃଦ୍ଧି ।
୪. ମାଛ ଅଣ୍ଡାକୁ ମାରିଦିଏ ।
୫. ବଡ଼ବଡ଼ ମାଛ ଧରିବା ଜାଲ ।